# ୨୯ରୁ ଇଣ୍ଟରମିଲାନ ସକର ଷ୍ଟାର୍ସ ପ୍ରତିଯୋଗିତା

**ଭୁବନେଶ୍ୱର,ତା୨୪।୧୨(ପିଏନଏସ)** : ଟାଟା ଗ୍ଲୋବାଲ ବେଭେରେଜସ, ବିଶ୍ୱର ଦ୍ୱିତୀୟ ବୃହତ୍ତ ଚା' କମ୍ପାନୀ ଡିସେମ୍ବର ୨୯ରୁ ଭୁବନେଶ୍ୱରଠାରେ ୫ମ ଆନ୍ତଃ ଭାରତୀୟ ଟାଟା ଟି ଜାଗୋରେ ଇଣ୍ଟରମିଲାନ ସକର ଷ୍ଟାର୍ସ ପ୍ରତିଯୋଗିତା ଆରମ୍ଭ କରିବ । ୧୫ ବର୍ଷରୁ କମ ବୟସର ଖେଳାଳିମାନଙ୍କୁ ନେଇ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ଟାଟା ଟି' ତଥା ଅଗ୍ରଣୀ ଫୁଟବଲ କ୍ଲବ ଏଫସି ଇଣ୍ଟରଜୋନାଲ ମିଲାନୋର ମିଳିତ ସହଯୋଗରେ ଆୟୋଜିତ ହେଉଛି । ସିଲନ ଠାରେ ଭାରତର ଅନ୍ୟାନ୍ୟ ସ୍ଥାନର ୧୫ଟି ଦଳକୁ ନେଇ ହେବାକୁ ଥିବା ଫାଇନାଲ ପ୍ରତିଯୋଗିତାରେ ଭୁବନେଶ୍ୱରରେ ଚାମ୍ପିଅନ ହୋଇଥିବା ଦଳ ଭାଗ ନେବ । ଏହି ପ୍ରତିଯୋଗିତାରେ ରାଜଧାନୀର ପ୍ରାୟ ୩୦ଟି ବିଦ୍ୟାଳୟର ୩୦୦ ଛାତ୍ର ଭାଗ ନେବାର ଆଶା କରାଯାଉଛି । ଭାରତର ଶ୍ରେଷ୍ଠ ଫୁଟବଲ ପ୍ରତିଭା ସନ୍ଧାନ ପ୍ରତିଯୋଗିତା ଭାବେ ଏହି ଆୟୋଜନ କରାଯାଉଛି ବୋଲି ଟାଟା ଗ୍ଲୋବାଲ ବେଭେରେଜସର ଦକ୍ଷିଣ ଏସିଆ ମୁଖ୍ୟ ସଂଜୀବ ସାରିନ ପ୍ରକାଶ କରିଛନ୍ତି ।